**ପଲିସୀ ସାରାଂଶ**

# ଡିଷ୍ଟ୍ରିକ୍ଟ ମିନେରାଲ୍ ଫାଉଣ୍ଡେସନ୍

**ସମୃଦ୍ଧ ଅଞ୍ଚଳ ଏବଂ ଏହାର ଗରିବ ଲୋକଙ୍କ ମଧ୍ୟରେ ଚୁକ୍ତିନାମାର ପୁନଃଲିଖନ ପାଇଁ ଏକ ସୁଯୋଗ**

## କ. ପୃଷ୍ଠଭୂମି

ଖଣି ମନ୍ତ୍ରାଳୟ ଏହାର ୨୦୧୧ର ଚିରସ୍ଥାୟୀ ବିକାଶ ଢାଞ୍ଚା(ଏସଡିଏଫ୍) ରିପୋର୍ଟରେ ମୌଳିକ ସତ୍ୟକୁ ସ୍ୱୀକାର କରିଛି ଯେ 'ବିଗତ ଦଶନ୍ଧିରେ, ଖଣି ଖନନ କାର୍ଯ୍ୟକଳାପ ସ୍ଥାନୀୟ ଲୋକଙ୍କ ପାଇଁ କିଞ୍ଚିତ୍ ଲାଭ ଦେଇଛି।' ଖଣିଜ ଉତ୍ତୋଳନ କେବଳ ମାତ୍ର ସ୍ଥାନୀୟ ବାସିନ୍ଦାଙ୍କୁ ବିଶେଷ ଲାଭ ଦେଇନାହିଁ ତାହା ନୁହେଁ, ବରଂ ଦେଶର ସର୍ବାଧିକ ଖଣିଜ ସମୃଦ୍ଧ ରାଜ୍ୟ ଏବଂ ଜିଲ୍ଲାମାନଙ୍କରେ ସବୁଠୁ ଗରିବ ଲୋକମାନେ ରହିଥିବାର ଉପହାସଜନକ ତଥ୍ୟ ସାମ୍ନାକୁ ଆସିଛି। କେତେକ ପ୍ରମୁଖ ଖଣିଜ ସମୃଦ୍ଧ ରାଜ୍ୟମାନଙ୍କର ଗରିବୀ ପରିସଂଖ୍ୟାନରୁ ଏହା ସ୍ପଷ୍ଟ ।

- ୨୦୧୧–୨୦୧୨ ବର୍ଷ ପାଇଁ ଯୋଜନା କମିସନଙ୍କ ଦ୍ୱାରା ଆକଳିତ ଦାରିଦ୍ର୍ୟ ଅନୁଯାୟୀ, ତିନି ଅଗ୍ରଣୀ ଖଣିଜସମୃଦ୍ଧ ରାଜ୍ୟ–ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ଓଡ଼ିଶାରେ–ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଜନସଂଖ୍ୟାର ପ୍ରତିଶତ ହେଉଛି ପାଖାପାଖି ୪୦ ପ୍ରତିଶତ, ଏହା ଜାତୀୟ ହାର ୨୧.୯ ପ୍ରତିଶତଠାରୁ ଯଥେଷ୍ଟ ଅଧିକ ।
- ଅଧିକନ୍ତୁ ଯୋଜନା କମିସନ ଛତିଶଗଡ଼ର ୧୫ଟି ପଛୁଆ ରାଜ୍ୟ ଚିହ୍ନଟ କରିଛନ୍ତି, ଯେଉଁଠିକି ଝାଡ଼ଖଣ୍ଡ ଏବଂ ଓଡ଼ିଶାରେ ଏହାର ସଂଖ୍ୟା ଯଥାକ୍ରମେ ୧୯ ଏବଂ ୨୭।
- ଦେଶର ଆଦିବାସୀ ଜନସଂଖ୍ୟା କ୍ଷେତ୍ରରେ ଏହି ଅବସ୍ଥା ଅତି ଶୋଚନୀୟ, ବିଶେଷକରି ଗ୍ରାମାଞ୍ଚଳ ଖଣିଜ ଉତ୍ତୋଳନ ହେଉଥିବା ଜିଲ୍ଲାଗୁଡ଼ିକରେ। ୨୦୧୪ ପାଇଁ ଆଦିବାସୀ ବ୍ୟାପାର ମନ୍ତ୍ରାଳୟ ଦ୍ୱାରା ହୋଇଥିବା ସଦ୍ୟତମ ଆକଳନ ଅନୁଯାୟୀ, ଆଦିବାସୀ ଜନସଂଖ୍ୟାର ଏକ ଉଲ୍ଲେଖନୀୟ ଅନୁପାତ ବିଶେଷକରି ଖଣି ଖନନ ରାଜ୍ୟର ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରନ୍ତି। ଓଡ଼ିଶାରେ, ଗ୍ରାମୀଣ ଆଦିବାସୀ ଲୋକସଂଖ୍ୟାର ୭୫ ପ୍ରତିଶତ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ବେଳେ, ଛତିଶଗଡ଼, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ରରେ ଏହି ସଂଖ୍ୟା ହେଉଛି ୫୦ ପ୍ରତିଶତ ।

## ଖ. ସଂପ୍ରଦାୟ ମଧ୍ୟରେ ଲାଭର ଆବଣ୍ଟନ

ବର୍ଷାଧିକ କାଳ ଅନୁଧ୍ୟାନ କରିବା ପରେ, ଖଣି ଅଞ୍ଚଳର ଗରିବ ଲୋକମାନଙ୍କ ମଧ୍ୟରେ ଖଣି ଖନନରୁ ମିଳୁଥିବା ଲାଭର ବଣ୍ଟନର ଅତ୍ୟାବଶ୍ୟକତାକୁ ଉପଲବ୍ଧି କରାଯାଇଛି। ଖଣି ଏବଂ ଖଣିଜ ବିକାଶ ଓ ନିୟାମକ(ସଂଶୋଧନ) ଅଧିନିୟମ, ୨୦୧୫, ଖଣି ଅଞ୍ଚଳରେ ଲୋକମାନଙ୍କ ସହିତ ଖଣିଜ ସମ୍ପଦର ଆବଣ୍ଟନର ବ୍ୟବସ୍ଥା ସୃଷ୍ଟି କରିଛି। ଏହି ନିୟମ (ଧାରା ୯ବି) ସଂପ୍ରତି ଡିଷ୍ଟ୍ରିକ୍ଟ ମିନେରାଲ ଫାଉଣ୍ଡେସନ୍(ଡିଏମଏଫ୍) ପ୍ରତିଷ୍ଠା ପାଇଁ କହେ। ଡିଏମଏଫ୍ ହେଉଛି ଏକ ଟ୍ରଷ୍ଟ ଯାହା ଅଣ–ଲାଭକର ସଂସ୍ଥା ଭାବେ 'ଖଣି ଖନନ ସମ୍ବନ୍ଧିତ କାର୍ଯ୍ୟକଳାପ ଦ୍ୱାରା ପ୍ରଭାବିତ ହେଉଥିବା ଅଞ୍ଚଳ ଏବଂ ଏହାର ଲୋକମାନଙ୍କର ସ୍ୱାର୍ଥ ଏବଂ ଲାଭ ପାଇଁ କାର୍ଯ୍ୟ କରିବ' ବୋଲି ନିରୂପିତ ହୋଇଛି।

ପ୍ରମୁଖ ଖଣିଜ ପଦାର୍ଥର ହିସାବ ଅନୁସାରେ ଲିଜ୍‌ଧାରୀମାନେ ଡିଏମଏଫକୁ ବାର୍ଷିକ କେତେ ଟଙ୍କା ପୈଠ କରିବେ ତାହା ବିସ୍ତୃତ ଭାବେ ନିର୍ଦ୍ଧାରଣ କରାଯାଇଛି।

- ଜଣେ ଖଣି ଲିଜ୍‌ଧାରୀ କିମ୍ବା ପ୍ରସ୍‌ପେକ୍ଟିଭ୍ ଲାଇସେନ୍ସ–କମ୍–ମାଇନିଂ ଲିଜ୍ (ଆଇନ ଲାଗୁ କିମ୍ବା ପରେ ମଂଜୁର)ଧାରକଙ୍କୁ ଡିଏମ୍ଏଫ୍‌କୁ ଉତ୍ତୋଳିତ ହେଉଥିବା ସଂପୃକ୍ତ ଖଣିଜ ପଦାର୍ଥର ଲାଭାଂଶର ଏକ–ତୃତୀୟାଂଶରୁ ଅଧିକ ହେଉନଥିବା ଅର୍ଥରାଶି ଦେବା ଆବଶ୍ୟକ।
- ବିଦ୍ୟମାନ ଖଣି ଲିଜ୍ ଧାରକମାନେ ଡିଏମଏଫକୁ ଏକ ପରିମାଣ ପ୍ରଦାନ କରିବା ଆବଶ୍ୟକ ଯାହା ଲାଭାଂଶଠାରୁ ଅଧିକ ହେଉନଥିବା।

ପ୍ରଦାନ କରାଯିବାକୁ ଥିବା ଲାଭାଂଶର ପ୍ରତିଶତ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ହେବ। ଏହି ନିୟମ ଆହୁରି

**ସେଣ୍ଟର ଫର ସାଇନ୍ସ ଏଣ୍ଡ ଏନ୍‌ଭିରନ୍‌ମେଣ୍ଟ**
୪୧, ତୁଘଲକାବାଦ୍ ଇନ୍‌ଷ୍ଟିଚ୍ୟୁସନାଲ୍ ଏରିଆ, ନୂଆଦିଲ୍ଲୀ ୧୧୦ ୦୬୨, ଭାରତ, **ଫୋନ:** +୯୧–୧୧–୪୦୬୧୬୦୦୦ **ଫ୍ୟାକ୍ସ:** +୯୧–୧୧–୨୯୯୫୫୮୭୯
**ଇ–ମେଲ:** srestha@cseindia.org ୱେବ୍‌ସାଇଟ୍: www.cseindia.org

ଦର୍ଶାଏ ଯେ ଡିଏମଏଫର ଉଦ୍ଦେଶ୍ୟ ଏବଂ କାର୍ଯ୍ୟକାରିତା ସାମ୍ବିଧାନିକ ବ୍ୟବସ୍ଥା ଦ୍ୱାରା ପରିଚାଳିତ ହେବା ଆବଶ୍ୟକ ଯେହେତୁ ଏହା ଆଦିବାସୀ ଅଞ୍ଚଳ ପରିଚାଳନା ପାଇଁ ପଞ୍ଚମ ଓ ଷଷ୍ଠ ଅନୁଚ୍ଛେଦ ସମ୍ବନ୍ଧିତ ଅଟେ। ଏହା ମଧ୍ୟ ପଞ୍ଚାୟତଗୁଡ଼ିକ (ଅନୁସୂଚିତ ଅଞ୍ଚଳକୁ ପ୍ରସାରିତ) ଆଇନ (ପେସା), ୧୯୯୬, ଏବଂ ଅନୁସୂଚିତ ଜନଜାତି ଏବଂ ଅନ୍ୟ ପାରମ୍ପରିକ ଜଙ୍ଗଲ ଅଧିବାସୀ (ଜଙ୍ଗଲ ଅଧିକାର ଅନୁମତି) ଆଇନ, ୨୦୦୬-ସଂକ୍ଷେପରେ ଜଙ୍ଗଲ ଅଧିକାର ଆଇନ (ଏଫଆରଏ)ର ବ୍ୟବସ୍ଥା ଦ୍ୱାରା ପରିଚାଳିତ ହେବା ଆବଶ୍ୟକ ।

## ଗ. ଡିଷ୍ଟ୍ରିକ୍ଟ ମିନେରାଲ ଫାଉଣ୍ଡେସନ୍: ସମୃଦ୍ଧ ଅଞ୍ଚଳ ଏବଂ ଏହାର ଗରିବ ଲୋକଙ୍କ ମଧ୍ୟରେ ଚୁକ୍ତିନାମାର ପୁନଃଲିଖନ ପାଇଁ ଏକ ସୁଯୋଗ

ଡିଏମଏଫର ବ୍ୟବସ୍ଥାରେ ଖଣି ଖନନ ଯୋଗୁଁ ପ୍ରଭାବିତ ଲୋକଙ୍କ ସାମାଜିକ-ଆର୍ଥିକ ଅବସ୍ଥାରେ ଉନ୍ନତି ଆଣିବା ପାଇଁ ଏକ ସୁଯୋଗ ରଖିଛି। ଆମର ଅନୁମାନ ଦର୍ଶାଏ ଯେ ଉଲ୍ଲେଖନୀୟ ସମ୍ବଳ ଡିଏମଏଫକୁ ଯାଇପାରିବ। (ପ୍ରାକ୍ଆକଳନ ନ୍ୟୂନ ହୋଇପାରେ ଯେହେତୁ ଅଧିକାଂଶ ରାଜ୍ୟ ଅନୁଭବ କରନ୍ତି ଯେ ଇଣ୍ଡିଆନ୍ ବ୍ୟୁରୋ ଅଫ୍ ମାଇନ୍ସ ଦ୍ୱାରା ଧାର୍ଯ୍ୟ ଖଣିଜ ଉତ୍ପାଦନର ମୂଲ୍ୟ ଏବଂ ବିକ୍ରି ମୂଲ୍ୟ ନ୍ୟୂନ ଅଟେ)।

- ପ୍ରମୁଖ ମାଇନିଂ ରାଜ୍ୟ ଯେପରିକି ଓଡ଼ିଶା, ଝାଡ଼ଖଣ୍ଡ ଏବଂ ଛତିଶଗଡ଼ରେ, କେବଳ ଲୁହାପଥର ଖଣି ଖନନରୁ ଯଥାକ୍ରମେ ୮୦୦ କୋଟି, ୧୦୫ କୋଟି ଏବଂ ୪୪୦ କୋଟି ଟଙ୍କା ବାର୍ଷିକ ଡିଏମଏଫ୍‌କୁ ଯାଇପାରିବ। ଗୋଆ ଏବଂ କର୍ଣ୍ଣାଟକରେ, ଏହି ପରିମାଣ ଯଥାକ୍ରମେ ୩୫୦ କୋଟି ଏବଂ ୧୮୦ କୋଟି ହୋଇପାରିବ, କେବଳ ଲୁହାପଥର ଖଣି ଖନନରୁ।[୨]
- ପ୍ରମୁଖ ଲୁହାପଥର ମାଇନିଂ ଜିଲ୍ଲା ଯଥା କେନ୍ଦୁଝର, ସୁନ୍ଦରଗଡ଼, ସିଂହଭୂମ(ପଶ୍ଚିମ), ଦାନ୍ତେୱାଡ଼ା ଏବଂ ବେଲାରୀରେ, ଡିଏମଏଫ ଅର୍ଥ ଯଥାକ୍ରମେ ୬୦୦ କୋଟି, ୧୮୫ କୋଟି, ୧୦୫ କୋଟି, ୩୫୦ କୋଟି ଏବଂ ୧୭୦ କୋଟି ଟଙ୍କା ହୋଇପାରିବ।[୩]
- ପ୍ରମୁଖ କୋଇଲା ଖଣି ରାଜ୍ୟ ପାଇଁ, ଡିଏମଏଫ ଅଂଶଧନ ଅଧିକ ହୋଇପାରିବ ଯେପରିକି କେବଳ ଝାଡ଼ଖଣ୍ଡ ପାଇଁ ୮୨୦ କୋଟି ଟଙ୍କା, ଛତିଶଗଡ଼ ପାଇଁ ୪୨୦ କୋଟି ଟଙ୍କା, ମଧ୍ୟପ୍ରଦେଶ ପାଇଁ ୪୪୦ କୋଟି ଟଙ୍କା ଏବଂ ଆନ୍ଧ୍ରପ୍ରଦେଶ ପାଇଁ ୪୩୦ କୋଟି ଟଙ୍କା । କୋଇଲା ଖଣି ଖନନରୁ ଅନ୍ୟ ରାଜ୍ୟଗୁଡ଼ିକର ଅଂଶଧନ ମଧ୍ୟ ଉଲ୍ଲେଖନୀୟ ହୋଇପାରିବ। ଉଦାହରଣ ସ୍ୱରୂପ, ଏହା ମହାରାଷ୍ଟ୍ର ପାଇଁ ୨୯୦ କୋଟି ଟଙ୍କା, ଓଡ଼ିଶା ପାଇଁ ୨୨୦ କୋଟି ଟଙ୍କା ଏବଂ ଉଭୟ ମେଘାଳୟ ଓ ଉତ୍ତର ପ୍ରଦେଶ ପାଇଁ ୧୭୦ କୋଟି ଟଙ୍କା ଲେଖାଏଁ ହୋଇପାରିବ।[୪]

ଅବଶ୍ୟ, ଲୋକଙ୍କ ପାଖରେ ଏହାର ଲାଭ ପହଞ୍ଚି ପାରିବ ଯଦି ଡିଏମଏଫର ନିୟମ ଉପଯୁକ୍ତ ଯୋଜନା, ଦୂରଦୃଷ୍ଟି ଏବଂ ଉତ୍ତରଦାୟିତ୍ୱ ସହିତ କାର୍ଯ୍ୟକାରୀ କରାଯିବ।

ଏଥିରେ ରାଜ୍ୟଗୁଡ଼ିକର କେନ୍ଦ୍ରୀୟ ଭୂମିକା ରହିଛି। ନିୟମ (ଧାରା ୧୫) ରାଜ୍ୟ ସରକାରଗୁଡ଼ିକୁ ଡିଏମଏଫର କାର୍ଯ୍ୟଗୁଡ଼ିକ ପରିଚାଳନା କରିବା ପାଇଁ କ୍ଷମତା ପ୍ରଦାନ କରେ। ଅଧିକନ୍ତୁ, କ୍ଷୁଦ୍ର ଖଣିଜ ଧାରକ ଡିଏମଏଫକୁ ଦେବାକୁ ଥିବା ଦେୟ ରିହାତିର ପରିମାଣ ପାଇଁ ରାଜ୍ୟ ହିଁ ନିୟମ ପ୍ରଣୟନ କରିବ। ରାଜ୍ୟଗୁଡ଼ିକ ହାତରେ ମଧ୍ୟ ଗରିବ ଲୋକ ଏବଂ ସଂପ୍ରଦାୟର ଆବଶ୍ୟକତାକୁ ଚିହ୍ନଟ କରିବାର ବ୍ୟବସ୍ଥା ରହିବ।

## ଘ. ଡିଏମଏଫର ପ୍ରସ୍ତୁତି : ଜନ-କେନ୍ଦ୍ରିକ, ପ୍ରଭାବଶାଳୀ ଏବଂ ଉତ୍ତରଦାୟୀ

ଡିଏମଏଫକୁ ପ୍ରଭାବଶାଳୀ କରିବା ପାଇଁ, ରାଜ୍ୟଗୁଡ଼ିକ ଏହା କରିବା ଆବଶ୍ୟକ :

(i) ହିତାଧିକାରୀ ଚିହ୍ନଟ କରିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିବା

(ii) କିପରି ଓ କେଉଁଠି ଟଙ୍କା ଖର୍ଚ୍ଚ ହେବା ନିର୍ଦ୍ଧାରଣ କରିବା

(iii) ପାଣ୍ଠି ପରିଚାଳନା କିଏ କରିବ ତାହା ନିର୍ଦ୍ଧାରଣ କରିବା

(iv) ଡିଏମଏଫର ପ୍ରଭାବଶାଳୀତା, ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା

### (i) ହିତାଧିକାରୀ ଚିହ୍ନଟ କରିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିବା

ଡିଏମଏଫ୍ ଖଣି ଖନନ-ସମ୍ବନ୍ଧିତ କାର୍ଯ୍ୟ ଦ୍ୱାରା ପ୍ରଭାବିତ ହେଉଥିବା ଅଞ୍ଚଳ ଏବଂ ବ୍ୟକ୍ତିଙ୍କୁ ସହାୟତା ଦେବ। ଯଦିଓ, ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ପ୍ରଭାବିତ ହେଉଥିବା ଲୋକଙ୍କୁ ଚିହ୍ନଟ କରିବା ଏକ କଠିନ ସମସ୍ୟା ହୋଇପାରେ। ଏହା ଏଫଆରଏ, ୨୦୦୬ର ବ୍ୟବସ୍ଥା ଅଧୀନରେ ଅଧିକାରଗୁଡ଼ିକର ବନ୍ଦୋବସ୍ତର କେସ୍ ଅଟେ। ଏଭଳି ବିବାଦଗୁଡ଼ିକ ଏଡ଼ାଇବା ପାଇଁ, ଡିଏମଏଫ ନିୟମଗୁଡ଼ିକର ପ୍ରଭାବିତ ଅଞ୍ଚଳ ଏବଂ ହିତାଧିକାରୀମାନଙ୍କ ଚିହ୍ନଟ ପାଇଁ ଏକ ମୁକ୍ତ ଏବଂ ସ୍ୱଚ୍ଛ ବ୍ୟବସ୍ଥା ରହିବ।

**ଖଣିଜ ଭରା ଜିଲ୍ଲାମାନଙ୍କରେ ଅତି ଗରିବ ଜୀବନଯାପନର ବିରୋଧାଭାସ ନିଶ୍ଚିତ ଭାବେ ଡିଏମଏଫ ଦ୍ୱାରା ଅନୁଧ୍ୟାନ କରାଯିବ।**

**ଖଣି ଖନନ ଯୋଗୁଁ ପ୍ରଭାବିତ ହେଉଥିବା ଅଞ୍ଚଳ ଏବଂ ଲୋକଙ୍କୁ ଚିହ୍ନଟ କରିବା ପାଇଁ ଏକ ସ୍ୱଚ୍ଛ ଏବଂ ଉତ୍ତରଦାୟୀ ପଦ୍ଧତି ସ୍ଥାପନ କରାଯିବା।**

ନିମ୍ନୋକ୍ତ ବ୍ୟାପକ ଢାଞ୍ଚା ପ୍ରଭାବିତ ଅଞ୍ଚଳ ଏବଂ ହିତାଧିକାରୀମାନଙ୍କୁ ଚିହ୍ନଟ କରିବାରେ ବ୍ୟବହୃତ ହୋଇପାରିବ :

## କ. ପ୍ରଭାବିତ ଅଞ୍ଚଳ

ପ୍ରଭାବିତ ଅଞ୍ଚଳଗୁଡ଼ିକୁ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ଏବଂ ପରୋକ୍ଷ ଭାବେ ପ୍ରଭାବିତରେ ଶ୍ରେଣୀ ବିଭାଜିତ କରାଯିବ।

### ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ଅଞ୍ଚଳ

ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ଅଞ୍ଚଳଗୁଡ଼ିକ ହେଉଛି ସେହି ଅଞ୍ଚଳ ଯେଉଁଠି ଖଣି ଖନନ ଏବଂ ପ୍ରତ୍ୟକ୍ଷ ଖଣି ଖନନ-ସମ୍ବନ୍ଧିତ କାର୍ଯ୍ୟଗୁଡ଼ିକ ଯଥା ଲାଭକରୀ ଏବଂ ବର୍ଜ୍ୟବସ୍ତୁ ନିଷ୍କାସନ (ଅତ୍ୟଧିକ ଭରିଥିବା ଡମ୍ପ, ଟେଲିଙ୍ଗ୍ ପୋଖରୀ ଇତ୍ୟାଦି) ପ୍ରକୃତରେ ସ୍ଥାନିତ ଅଟେ।

- ଖଣି ଖନନ ଏବଂ ପ୍ରତ୍ୟକ୍ଷ ଖଣି-ସମ୍ବନ୍ଧିତ କାର୍ଯ୍ୟଗୁଡ଼ିକ ହେଉଥିବା ଗ୍ରାମ ଏବଂ ଗ୍ରାମପଞ୍ଚାୟତକୁ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ଅଞ୍ଚଳ ରୂପେ ବିଚାରକୁ ନିଆଯିବ ।
- ପ୍ରକଳ୍ପ ଯୋଗୁଁ ବିସ୍ଥାପିତ ହୋଇଥିବା ପରିବାରଗୁଡ଼ିକ ଯେଉଁ ଗାଁରେ ଥଇଥାନ ହୋଇଛନ୍ତି ତାହାକୁ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ଅଞ୍ଚଳ ରୂପେ ବିଚାରକୁ ନିଆଯିବ ।
- ଆର୍ଥିକ ଆବଶ୍ୟକତା ପୂରଣ ପାଇଁ ପ୍ରକଳ୍ପ ଅଞ୍ଚଳ ଉପରେ ନିର୍ଭର କରୁଥିବା ଏବଂ ପ୍ରକଳ୍ପ ଅଞ୍ଚଳ ଉପରେ ଭୋଗାଧିକାର ଓ ପାରମ୍ପରିକ ଅଧିକାର (ଚାରଣଭୂମି, ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ଇତ୍ୟାଦି)ରହିଥିବା ଗାଁଗୁଡ଼ିକୁ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ଅଞ୍ଚଳ ରୂପେ ବିଚାରକୁ ନିଆଯିବ ।

### ପରୋକ୍ଷ ଭାବେ ପ୍ରଭାବିତ ଅଞ୍ଚଳ

ପରୋକ୍ଷ ଭାବେ ପ୍ରଭାବିତ ଅଞ୍ଚଳଗୁଡ଼ିକ ହେଉଛି ଯେଉଁଠି ଲୋକମାନେ ଖଣି ଖନନ-ସମ୍ବନ୍ଧିତ କାର୍ଯ୍ୟ ଯୋଗୁଁ ଅର୍ଥନୈତିକ, ସାମାଜିକ ଏବଂ ପରିବେଶଗତ ପରିଣାମଗୁଡ଼ିକ ଦ୍ୱାରା ନକାରାତ୍ମକ ଭାବେ ପ୍ରଭାବିତ ହୋଇଥାନ୍ତି। ଖଣି ଖନନର ପ୍ରମୁଖ ନକାରାତ୍ମକ ପ୍ରଭାବ ମଧ୍ୟରେ ପାଣି ଓ ବାୟୁର ଗୁଣବତ୍ତା ହାନି, ଖଣିଜ ପଦାର୍ଥର ପରିବହନ କାରଣରୁ ଜନବହୁଳତା ଓ ପ୍ରଦୂଷଣ, ବହୁ ଲୋକଙ୍କ ଆଗମନ ଓ ପରିବହନ ଉପକରଣ ଇତ୍ୟାଦି ହେତୁ ବିଦ୍ୟମାନ ଭିତ୍ତିଭୂମି ଉପରେ ଚାପ ବୃଦ୍ଧି ଅନ୍ତର୍ଭୁକ୍ତ। ପରୋକ୍ଷ ଭାବେ ପ୍ରଭାବିତ ଅଞ୍ଚଳଗୁଡ଼ିକ ଚିହ୍ନଟ କରିବା କଷ୍ଟକର। ଅବଶ୍ୟ, ଅନୁଭୂତି ଦର୍ଶାଏ ଯେ ଖଣି ଖନନର ଆଖିଦୃଶିଆ ପ୍ରଭାବଗୁଡ଼ିକ ବ୍ଲକ ସ୍ତରରୁ ଉର୍ଦ୍ଧ୍ୱକୁ ଯାଇନପାରେ। ଏଣୁ, କାର୍ଯ୍ୟକାରିତାର ସରଳତା ପାଇଁ, ବ୍ଲକ/ବ୍ଲକସମୂହ, ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ଅଞ୍ଚଳଗୁଡ଼ିକୁ ଛାଡ଼ି, ଯେଉଁଠି ଖଣି ଖନନ ଏବଂ ପ୍ରତ୍ୟକ୍ଷ ଖଣି ଖନନ-ସମ୍ବନ୍ଧୀୟ କାର୍ଯ୍ୟଗୁଡ଼ିକ ହେଉଛି, ତାହାକୁ ପରୋକ୍ଷ ଭାବେ ପ୍ରଭାବିତ ଅଞ୍ଚଳଗୁଡ଼ିକ ରୂପେ ବିଚାର କରାଯାଇପାରିବ ।

## ଖ. ପ୍ରଭାବିତ ବ୍ୟକ୍ତି/ହିତାଧିକାରୀଗଣ

କେବଳ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରାଯିବା ଆବଶ୍ୟକ। ଖଣି ଖନନ ଯୋଗୁଁ ପ୍ରଭାବିତ ହେଉଥିବା ବ୍ୟକ୍ତିଙ୍କୁ ଅନ୍ତର୍ଭୁକ୍ତ କରାଯିବ ଯାହାର ଖୋଳା ଯାଉଥିବା ଜମି ଉପରେ ଆଇନଗତ ଓ ବୃତ୍ତିଗତ ଅଧିକାର ରହିଛି, ଏବଂ ତାହା ଉପରେ ଭୋଗାଧିକାର ଓ ପାରମ୍ପରିକ ଅଧିକାର ମଧ୍ୟ ଥିବ। ନିମ୍ନଲିଖିତମାନଙ୍କୁ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ବ୍ୟକ୍ତି ଭାବେ ଚିହ୍ନଟ କରାଯିବ :

- ଜମି ଅଧିଗ୍ରହଣ, ପୁନର୍ବାସ ଏବଂ ଥଇଥାନ ନିୟମ ୨୦୧୩ରେ ଉପଯୁକ୍ତ କ୍ଷତିପୂରଣ ଏବଂ ସ୍ୱଚ୍ଛତାର ଧାରା ୩ (ଗ) ଅଧୀନରେ 'ପ୍ରଭାବିତ ପରିବାର' ର ସଂଜ୍ଞା ନିରୂପିତ ହୋଇଛି।
- ଜମି ଅଧିଗ୍ରହଣ, ପୁନର୍ବାସ ଏବଂ ଥଇଥାନ ନିୟମ ୨୦୧୩ରେ ଉପଯୁକ୍ତ କ୍ଷତିପୂରଣ ଏବଂ ସ୍ୱଚ୍ଛତାର ଧାରା ୩ (ଞ) ଅଧୀନରେ 'ବିସ୍ଥାପିତ ପରିବାର' ର ସଂଜ୍ଞା ନିରୂପିତ ହୋଇଛି।
- ଅନ୍ୟ ସବୁ ଗ୍ରାମସଭାରେ ସଠିକ୍ ଭାବେ ଚିହ୍ନିତ ହୋଇଛନ୍ତି।

## ଗ. ପ୍ରଭାବିତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ପଦ୍ଧତି : ଗ୍ରାମସଭା ପ୍ରଭାବିତ ବ୍ୟକ୍ତିଙ୍କୁ ଚିହ୍ନଟ କରିବ

ଖଣି ଖନନ ଯୋଗୁଁ ପ୍ରଭାବିତ ଲୋକମାନଙ୍କୁ ଚିହ୍ନଟ କରିବା ପାଇଁ ଏକ ସ୍ୱଚ୍ଛ ଏବଂ ଉତ୍ତରଦାୟୀ ପଦ୍ଧତି ପାଳନ କରାଯିବ। ୨୦୧୫ ଆଇନ ଦର୍ଶାଏ ଯେ ଡିଏମଏଫର ଉଦ୍ଦେଶ୍ୟ ଏବଂ କାର୍ଯ୍ୟକାରିତା ସାମ୍ବିଧାନିକ ବ୍ୟବସ୍ଥା ଦ୍ୱାରା ପରିଚାଳିତ ହେବ ଯାହାକି ପଞ୍ଚମ ଓ ଷଷ୍ଠ ଅନୁସୂଚୀରେ ରହିଛି, ପେସା, ୧୯୯୬ର ବ୍ୟବସ୍ଥା, ଜଙ୍ଗଲ ଜମି ଅଧିକାର ଅଇନ, ୨୦୦୬ ସମ୍ବନ୍ଧିତ ଅଟେ। ସେହି ବନ୍ଦୋବସ୍ତ ପ୍ରକାରେ, ହିତାଧିକାରୀମାନେ କ୍ଷମତାପ୍ରାପ୍ତ ଗ୍ରାମସଭା ଦ୍ୱାରା ଚିହ୍ନଟ ହେବେ।

- ପେସା ଆଇନ (ଧାରା ୪ଢ) ଅନୁଯାୟୀ, 'ଦାରିଦ୍ର୍ୟ ଉନ୍ମୂଳନ' ଏବଂ 'ଅନ୍ୟାନ୍ୟ' କାର୍ଯ୍ୟକ୍ରମ ଅଧୀନରେ 'ହିତାଧିକାରୀ ଚିହ୍ନଟ ବା ଚୟନ'ରେ ଗ୍ରାମସଭାର ଭୂମିକା ଏବଂ ଦାୟିତ୍ୱ ରହିଛି। ଯେହେତୁ ଡିଏମଏଫ ଗଠନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମାଇନିଂ ଅଞ୍ଚଳବାସୀଙ୍କ ଅର୍ଥନୈତିକ ଏବଂ ସାମାଜିକ ଅବସ୍ଥାରେ ଉନ୍ନତି ଆଣିବା, ତେଣୁ ପେସା ଆଇନର ସେହି ବ୍ୟବସ୍ଥା ହିତାଧିକାରୀଙ୍କ ଚିହ୍ନଟରେ ପ୍ରୟୋଗ କରାଯିବା ଉଚିତ୍।
- ଅଧିକନ୍ତୁ, ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା ଅନୁସୂଚିତ ଜନଜାତି ଆଇନ ୪ର ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାରର ସ୍ୱୀକୃତି) ସଂଶୋଧନ ନିୟମ ୨୦୧୨ (ଜଙ୍ଗଲ ଅଧିକାର ସଂଶୋଧନ ନିୟମ, ୨୦୧୨) ଉପରେ ଆଧାରିତ ହୋଇପାରିବ।
  - ଗ୍ରାମସଭା ସମ୍ଭାବିତ ହିତାଧିକାରୀଙ୍କ ଏକ ତାଲିକା ପ୍ରସ୍ତୁତ କରିବ ଏବଂ ସେମାନଙ୍କର ବିବରଣୀ ବଜାୟ ରଖିବ।
  - ସମ୍ଭାବିତ ହିତାଧିକାରୀଙ୍କ ଚିହ୍ନଟ ଉପରେ, ଗ୍ରାମସଭା ଏକ ସଂକଳ୍ପ ପାରିତ କରିବ ଏବଂ ଡିଏମଏଫର ସାଧାରଣ ପରିଷଦକୁ ତାହାକୁ ପଠାଇବ। ସଂକଳ୍ପ ପାରିତ ହେବାକୁ ଥିବା ଗ୍ରାମସଭା ବୈଠକର କୋରମ୍ ସଂପୃକ୍ତ ଗ୍ରାମସଭାର ସମସ୍ତ ସଭ୍ୟଙ୍କ ଅର୍ଦ୍ଧେକରୁ କମ୍ ହେଉନଥିବ, ଏବଂ ଏଥିରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଅନ୍ୟାନ୍ୟ ପଛୁଆବର୍ଗ ଓ ମହିଳାଙ୍କୁ ଲୋକସଂଖ୍ୟା ଅନୁପାତରେ ସାମିଲ କରାଯିବ। ଅନ୍ୟୁନ ଉପସ୍ଥିତ ସଭ୍ୟମାନଙ୍କର ଏକ-ତୃତୀୟାଂଶ ନିଶ୍ଚିତ ଭାବେ ମହିଳା ହୋଇଥିବେ।
  - ହିତାଧିକାରୀ ଚିହ୍ନଟ ପାଇଁ ପାରିତ ହେବାକୁ ଥିବା ଗ୍ରାମସଭାର କୋରମ୍ ମଧ୍ୟ ଅନ୍ୟୁନ ୫୦ ପ୍ରତିଶତ ଦାବିଦାର କିମ୍ବା ସେମାନଙ୍କ ପ୍ରତିନିଧିମାନଙ୍କର ଉପସ୍ଥିତି ଆବଶ୍ୟକ କରେ। ସଂଖ୍ୟାଗରିଷ୍ଠତା ବଳରେ ହିଁ ସଂକଳ୍ପ ପାରିତ ହେବ।
- ଗ୍ରାମସଭା ସହିତ ସ୍ପଷ୍ଟ ଭାବେ ଯୋଗାଯୋଗ ରଖିବା ପାଇଁ ଡିଏମଏଫ ଏକ ବ୍ୟବସ୍ଥା ତନ୍ତ୍ର ବିକଶିତ କରିବ ଯେଉଁଠି ସମ୍ଭାବିତ ହିତାଧିକାରୀମାନଙ୍କ ଚିହ୍ନଟ ପାଇଁ ଆବଶ୍ୟକତାଗୁଡ଼ିକ ପୂରଣ କରାଯିବ। ସେହି ଉଦ୍ଦେଶ୍ୟର ବିକାଶ ଏବଂ ସମୟାନୁସାରେ ଯୋଗାଯୋଗ ରଖିବା ପାଇଁ ଏକ ମାର୍ଗଦର୍ଶିକା ବିକଶିତ କରାଯାଇପାରିବ।
- ଅତି ପୁରୁଣା ଖଣି ପାଇଁ, ଯେଉଁଠି ବହିରାଗତ ଲୋକଙ୍କ ଆଗମନ ଏବଂ ବିସ୍ଥାପିତ ଲୋକଙ୍କ ପଳାୟନ ଯୋଗୁଁ ହିତାଧିକାରୀମାନଙ୍କ ଚିହ୍ନଟ କଷ୍ଟକର, ଧାର୍ଯ୍ୟ ବ୍ୟୟ ପାଇଁ ଏକ ଗ୍ରାମ୍ୟ ପାଣ୍ଠି ପ୍ରସ୍ତୁତ କରାଯିବ।
- ଅତି ପୁରୁଣା ଖଣି ପାଇଁ, ଯେଉଁଠି ବିସ୍ଥାପିତ ଲୋକମାନେ ବିଭିନ୍ନ ଗାଁରେ ଥଇଥାନ ହୋଇଛନ୍ତି, ବିସ୍ଥାପିତ ଲୋକମାନଙ୍କ ସନ୍ତାନସନ୍ତତିଙ୍କୁ କିଛି ଲାଭ ଦେବା ପାଇଁ ଏକ ଗ୍ରାମ-ସ୍ତରୀୟ ପାଣ୍ଠି ପୁନଃଥଇଥାନ ଗ୍ରାମଗୁଡ଼ିକ ପାଇଁ ପ୍ରତିଷ୍ଠା କରାଯିବ।

## (ii) କେଉଁଠି ଓ କିପରି ଟଙ୍କା ଖର୍ଚ୍ଚ ହେବ ତାହା ନିର୍ଦ୍ଧାରଣ କରିବା

ଡିଏମଏଫ୍ ଟଙ୍କା କେବଳ ଖଣି ଖନନ ଯୋଗୁଁ ପ୍ରଭାବିତ ଅଞ୍ଚଳ ଓ ଲୋକମାନେ ଏବଂ ସମୋନଙ୍କ ସାମାଜିକ ଓ ଅର୍ଥନୈତିକ ଉନ୍ନତି ପାଇଁ ଉଦ୍ଦିଷ୍ଟ।

## କ. ଟଙ୍କା କେଉଁଠାରେ ଖର୍ଚ୍ଚ ହେବା ଉଚିତ୍ ?

- ଏକ ବର୍ଷ ମଧ୍ୟରେ ଡିଏମଏଫକୁ ଆସୁଥିବା ମୋଟ ପାଣ୍ଠିର ୨୦ ପ୍ରତିଶତରୁ କମ୍ ହେଉନଥିବା ଅର୍ଥରାଶି ଭବିଷ୍ୟତ ବ୍ୟବହାର ପାଇଁ (ଯେତେବେଳେ ଖଣି ଖନନ କାର୍ଯ୍ୟ ବନ୍ଦ ହୋଇଯିବ) ଜରୁରୀକାଳୀନ ପରିସ୍ଥିତି ଯେପରିକି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ ଏକ ଏକାଉଣ୍ଟରେ ଜମା କରାଯିବ ।
- ଏକ ବର୍ଷ ମଧ୍ୟରେ ଡିଏମଏଫକୁ ଆସୁଥିବା ମୋଟ ପାଣ୍ଠିର ୮୦ ପ୍ରତିଶତରୁ ଅଧିକ ହେଉନଥିବା ଅର୍ଥରାଶି ଏକ ବର୍ଷ ମଧ୍ୟରେ ନିଶ୍ଚିତ ରୂପେ ଖର୍ଚ୍ଚ କରାଯିବ।
- ଏକ ବର୍ଷ ମଧ୍ୟରେ ଡିଏମଏଫ ଖର୍ଚ୍ଚ କରିବାକୁ ଥିବା ମୋଟ ଅର୍ଥରାଶି:
  - ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ୬୫ ପ୍ରତିଶତରୁ କମ୍ ହେଉନଥିବା ଅର୍ଥରାଶି ଖର୍ଚ୍ଚ କରାଯିବ।
  - ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ଲୋକମାନଙ୍କ ଉନ୍ନତି ନିମନ୍ତେ ୫୦ ପ୍ରତିଶତରୁ କମ୍ ହେଉନଥିବା ଅର୍ଥରାଶି ବ୍ୟବହୃତ ହେବ।

**ହିତାଧିକାରୀମାନଙ୍କୁ ପେସା, ୧୯୯୬ ଏବଂ ଜଙ୍ଗଲ ଅଧିକାର ଆଇନ, ୨୦୦୬ର ବ୍ୟବସ୍ଥା ଭିତ୍ତିରେ ଗ୍ରାମସଭା ଦ୍ୱାରା ନିଶ୍ଚିତ ରୂପେ ଚିହ୍ନଟ କରାଯିବ।**

**୪ମୋଟ ଡିଏମଏଫ ପାଣ୍ଠିର ୮୦ ପ୍ରତିଶତରୁ ଅଧିକ ହେଉନଥିବା ଅର୍ଥରାଶି ଏକ ବର୍ଷ ମଧ୍ୟରେ ନିଶ୍ଚିତ ରୂପେ ଖର୍ଚ୍ଚ କରାଯିବ, ଅବଶିଷ୍ଟ ଅର୍ଥରାଶିକୁ ଭବିଷ୍ୟତ ନିମନ୍ତେ ରଖାଯିବ।**

- ପରୋକ୍ଷ ଭାବେ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ୨୦ ପ୍ରତିଶତରୁ ଅଧିକ ହେଉନଥିବା ଅର୍ଥରାଶି ଖର୍ଚ୍ଚ କରାଯିବ।
- ଜିଲ୍ଲାର ବିକାଶ ପାଇଁ ୧୦ ପ୍ରତିଶତରୁ ଅଧିକ ହେଉନଥିବା ଅର୍ଥରାଶି ଖର୍ଚ୍ଚ କରାଯିବ, ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ପ୍ରଭାବିତ ଅଞ୍ଚଳଗୁଡ଼ିକ ଏଥିରେ ଅନ୍ତର୍ଭୁକ୍ତ ନୁହେଁ।
- ଡିଏମଏଫର ପ୍ରଶାସନିକ ବ୍ୟୟ ଭାବେ ୫ ପ୍ରତିଶତରୁ ଅଧିକ ହେଉନଥିବା ଅର୍ଥରାଶି ଖର୍ଚ୍ଚ କରାଯିବ।

## ଖ. ଟଙ୍କା କେଉଁଥିପାଇଁ ଖର୍ଚ୍ଚ କରାଯିବା ଉଚିତ ?

### ଲାଭ-ବଣ୍ଟନ

- ପ୍ରତ୍ୟେକ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ହେଉଥିବା ପରିବାରକୁ ସମାନ ଭାବେ ଆର୍ଥିକ ଲାଭ ମିଳିବା ଉଚିତ, ଯାହାକି ମାସିକ କିମ୍ବା ବାର୍ଷିକ ଆକାରରେ ପ୍ରଦାନ କରାଯିବ। ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ହେଉଥିବା ପରିବାରର ବିଧବା, ଅନାଥ ମା ଏବଂ ବୟସ୍କ ବ୍ୟକ୍ତି ଯେଉଁମାନେ ପରିବାରର ସହାୟତା ପାଉନଥିବେ ସେମାନଙ୍କୁ ଅନ୍ତର୍ଭୁକ୍ତ କରାଯିବ। ପରିବାରର ମହିଳା ମୁଖ୍ୟଙ୍କ ନାଁରେ ଏକ ବ୍ୟାଙ୍କ ଏକାଉଣ୍ଟ ଖୋଲାଯିବ।
- ଆର୍ଥିକ ଲାଭର ପରିମାଣ ପ୍ରତ୍ୟେକ ଆର୍ଥିକ ବର୍ଷ ଆରମ୍ଭରେ ଡିଏମଏଫର ସାଧାରଣ ପରିଷଦ ଦ୍ୱାରା ନିଷ୍ପତ୍ତି ନିଆଯିବ। ଅବଶ୍ୟ, ସେହି ଆର୍ଥିକ ଲାଭରାଶିର ପରିମାଣ ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଆଇନ, ୨୦୦୫ର ବ୍ୟବସ୍ଥା ଅନ୍ତର୍ଗତ ଏକ ପରିବାରର ପରିମାଣଠାରୁ କମ୍ ହେଉନଥିବ।
- ବାସ୍ତବରେ ସର୍ବନିମ୍ନ ମଜୁରୀ ପ୍ରଦାନ କରିବା ଆବଶ୍ୟକତା ଦୃଷ୍ଟିରୁ ଖଣିଜ ରିହାତି ଆଇନ, ୧୯୬୦ (ନିୟମ ୨୭ ପି ଏବଂ କ୍ୟୁ) ଅଧୀନରେ ବର୍ଣ୍ଣିତ ହୋଇଛି। ଏହା ନିର୍ଦ୍ଧାରିତ ଅଟେ ଯେ ସଂପୃକ୍ତ ଆର୍ଥିକ  ଲାଭ ନିଶ୍ଚିତ ରୂପେ ଖଣି ଖନନ ଯୋଗୁଁ ବିସ୍ଥାପିତ ହୋଇଥିବା ଲୋକ ଏବଂ ଆଦିବାସୀଙ୍କୁ ଦିଆଯିବ ଯଦି ସେମାନେ ମାଇନିଂ ଲିଜ୍ ଧାରକଙ୍କ ଦ୍ୱାରା ନିଯୁକ୍ତି ପାଇଥାନ୍ତି।

### ଜୀବିକାର ସୁରକ୍ଷା

- ଏହା ଗୁରୁତ୍ୱପୂର୍ଣ୍ଣ ଯେ ଡିଏମଏଫ ଅର୍ଥର ଏକ ଅଂଶ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ହେଉଥିବା ଲୋକଙ୍କ ଜୀବିକାର ସୁରକ୍ଷା ପାଇଁ ବ୍ୟବହୃତ ହେବ। ଦ୍ୱିତୀୟ ଅଗ୍ରାଧିକାର ବିଷୟ ହେଉଛି, ଶିକ୍ଷା ମେଧାବୃତ୍ତି, ସ୍ୱାସ୍ଥ୍ୟ ବୀମା, ଜୀବନଜୀବିକା ଟ୍ରେନିଂ, କ୍ଷୁଦ୍ର ଉଦ୍ୟୋମ ପ୍ରତିଷ୍ଠା ପାଇଁ ଋଣ ଇତ୍ୟାଦି ଦେବା। ମହିଳାଙ୍କୁ ବ୍ୟାବସାୟିକ ସହାୟତାକୁ ଅଗ୍ରାଧିକାର ଦିଆଯିବ।
- ସ୍ଥାନୀୟ ଭିତ୍ତିଭୂମିର ବିକାଶ, ସ୍ୱାସ୍ଥ୍ୟସେବା କେନ୍ଦ୍ର, ସ୍କୁଲ, ଜଳଯୋଗାଣ, ପରିମଳ ଓ ସ୍ୱେରେଜ୍, ବିଦ୍ୟୁତ୍, ରାସ୍ତା ଇତ୍ୟାଦିର ଉନ୍ନତି ପାଇଁ ଡିଏମଏଫ ପାଣ୍ଠି 'ଏଡ୍-ଅନ୍' (ପାଣ୍ଠିର ବ୍ୟବସ୍ଥା କରିବା ଯେଉଁଥିରୁ ଜିଲ୍ଲା/ବ୍ଲକ/ଗ୍ରାମ ସାଧାରଣତଃ ପାଇବେ) ଭାବେ ବ୍ୟବହୃତ ହୋଇପାରିବ। ଏହି ବିକାଶମୂଳକ କାର୍ଯ୍ୟ ପାଇଁ, ଡିଏମଏଫ ପାଣ୍ଠି ଅନ୍ୟ ସରକାରୀ ବିଭାଗକୁ ସ୍ଥାନାନ୍ତରର ବ୍ୟବସ୍ଥା ରଖାଯିବ ଯାହା ଏହି ସମ୍ପତ୍ତିଗୁଡ଼ିକର ରକ୍ଷଣାବେକ୍ଷଣ ଓ କାର୍ଯ୍ୟକାରିତା ବଜାୟ ରଖିବ। ଅବଶ୍ୟ, ଡିଏମଏଫ ତାହାର ଯୋଗଦାନର ଅଡିଟ୍ ଏବଂ ତଦାରଖ ନିମନ୍ତେ ଏକ ବ୍ୟବସ୍ଥା ରଖିବ।
- ପ୍ରଶାସନିକ ବ୍ୟୟ ପାଇଁ ବ୍ୟବହୃତ ହେଉଥିବା ଡିଏମଏଫ ଅର୍ଥ ଆର୍ଥିକ ଟ୍ରେନିଂ ସମେତ ଡିଏମଏଫ ଚାଲୁ କରିବା ପାଇଁ ପ୍ରଭାବିତ ଗୋଷ୍ଠୀର କ୍ଷମତା ନିର୍ମାଣ ପାଇଁ ନିଶ୍ଚିତ ରୂପେ ବ୍ୟବହୃତ ହେବ।

### ଭବିଷ୍ୟତ ପାଇଁ ନିବେଶ

- ଅର୍ଥର ଏକ ଅଂଶ ଭବିଷ୍ୟତ ପାଇଁ ନିବେଶ ହେବ। ଏହି ଅର୍ଥ ଖଣି ନିଃଶେଷ ହୋଇଯିବା ପରେ 'ଭୂତ ସହର' ସମସ୍ୟା ଯାହାକି ମାଇନିଂ ଅଞ୍ଚଳରେ ସାଧାରଣତଃ ପରିଲକ୍ଷିତ ହୁଏ, ଏହାକୁ ଏଡ଼ାଇବା ପାଇଁ ଆର୍ଥିକ ପୁନରୁତ୍‌ଥାନ ନିମନ୍ତେ ରଖାଯିବ।

୫ଡିଏମଏଫ ପାଣ୍ଠି ଲୋକଙ୍କ ସାମାଜିକ-ଆର୍ଥିକ ଉନ୍ନତି ପାଇଁ ବ୍ୟବହୃତ ହେବ, ଏହାର ପ୍ରଶାସନିକ ବ୍ୟୟ ଆବଶ୍ୟକତାକୁ ସାଲିସ କରିବ ନାହିଁ। ଅନୁରୂପ ଭାବେ, ରାଜ୍ୟ ଅର୍ଥଜମାରୁ ଜିଲ୍ଲା ଅଧିକାରଗୁଡ଼ିକ କୌଣସିମତେ ପ୍ରଭାବିତ ନ ହେବା ଉଚିତ।

**ସେଣ୍ଟର ଫର ସାଇନ୍ସ ଏଣ୍ଡ ଏନ୍‌ଭିରନ୍‌ମେଣ୍ଟ**
୪୧, ତୁଘଲକାବାଦ୍ ଇନ୍‌ଷ୍ଟିଚ୍ୟୁସନାଲ୍ ଏରିଆ, ନୂଆଦିଲ୍ଲୀ ୧୧୦ ୦୬୨, ଭାରତ, **ଫୋନ୍:** +୯୧-୧୧-୪୦୬୧୬୦୦୦ **ଫ୍ୟାକ୍ସ:** +୯୧-୧୧-୨୯୯୫୫୮୭୯
**ଇ-ମେଲ:** srestha@cseindia.org ୱେବ୍‌ସାଇଟ୍: www.cseindia.org

### (iii) କିଏ ପାଣ୍ଠିଗୁଡ଼ିକର ପରିଚାଳନା କରିବେ ନିର୍ଦ୍ଧାରଣ କରିବା

ଡିଏମଏଫ ଏକ ପେଶାଦାର ସଂସ୍ଥା ଭଳି କାର୍ଯ୍ୟ କରିବ, ଉଭୟ ଡିଏମଏଫ ସଭ୍ୟମାନେ ଏବଂ ସାଧାରଣ ପରିଷଦ ଏହାର କାର୍ଯ୍ୟ ପରିଚାଳନାରେ ସାମିଲ ହେବ।

## କ. ଡିଏମଏଫର ସଭ୍ୟଗଣ

ସଦସ୍ୟ ସାମିଲ କରିବା ପାଇଁ :

- ପ୍ରତ୍ୟେକ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ହେଉଥିବା ଗାଁର ଦୁଇ ଜଣ ସଦସ୍ୟ (ଜଣେ ପୁରୁଷ ଓ ଜଣେ ମହିଳା) ସଂପୃକ୍ତ ଗ୍ରାମସଭା ଦ୍ୱାରା ମନୋନୀତ ହେବେ
- ଡିଏମଏଫକୁ ଯୋଗଦାନ କରୁଥିବା ଖଣି କମ୍ପାନୀଙ୍କ ୧୦ ପ୍ରତିଶତ (କିନ୍ତୁ ତିନି ସଦସ୍ୟତାରୁ କମ୍ ନୁହେଁ), ଡିଷ୍ଟ୍ରିକ୍ଟ ମାଇନିଂ ଆସୋସିଏସନ୍ ଦ୍ୱାରା ମନୋନୀତ
- ସଂପୃକ୍ତ ରାଜ୍ୟ ସରକାରଙ୍କ ବିଭାଗଗୁଡ଼ିକର ଜିଲ୍ଲା ଅଫିସ୍‌ର ମୁଖ୍ୟ

## ଖ. ସାଧାରଣ ପରିଷଦ

- ଡିଏମଏଫର ସାଧାରଣ ପରିଷଦରେ ରହିବେ :
  - ଅଧ୍ୟକ୍ଷ ଭାବେ ଜିଲ୍ଲା ମାଜିଷ୍ଟ୍ରେଟ୍
  - ଖଣି ଖନନ ଯୋଗୁଁ ପ୍ରଭାବିତ ଅଞ୍ଚଳର ପାଞ୍ଚ ଜଣ ଗୋଷ୍ଠୀ ପ୍ରତିନିଧି, ଡିଏମଏଫ ସଦସ୍ୟମାନଙ୍କ ଦ୍ୱାରା ମନୋନୀତ
  - ଦୁଇ ଜଣ ରାଜ୍ୟ ସରକାରଙ୍କ ପ୍ରତିନିଧି, ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ
  - ଡିଏମଏଫକୁ ଯୋଗଦାନ ଦେଉଥିବା ଖଣି କମ୍ପାନୀମାନଙ୍କରୁ ଜଣେ ପ୍ରତିନିଧି, ଡିଷ୍ଟ୍ରିକ୍ଟ ମାଇନିଂ ଆସୋସିଏସନ୍ ଦ୍ୱାରା ମନୋନୀତ
  - ଡିଷ୍ଟ୍ରିକ୍ଟ ମାଇନିଂ ଅଫିସର୍
  - ସେକ୍ରେଟାରୀ, ଯିଏକି ଡିଏମଏଫର ମୁଖ୍ୟ ନିର୍ବାହୀ ଅଧିକାରୀ (ସିଇଓ) ହେବେ, ଏବଂ ଯିଏକି ସାଧାରଣ ପରିଷଦ ଦ୍ୱାରା ନିଯୁକ୍ତ ହେବେ।
- ସାଧାରଣ ପରିଷଦର ସଦସ୍ୟତା ସର୍ବାଧିକ ତିନି ବର୍ଷ ପର୍ଯ୍ୟନ୍ତ ହେବ। ଥରେ ନିର୍ବାଚିତ ସଦସ୍ୟ କେବଳ ୧୦ ବର୍ଷର ବ୍ୟବଧାନ ପରେ ପୁନଃ-ନିର୍ବାଚିତ ହୋଇପାରିବେ। ସରକାରୀ ପ୍ରତିନିଧିମାନଙ୍କ ପାଇଁ ଏହି ନିୟମ ଲାଗୁ ହେବ ନାହିଁ।

## ଗ. ଭୂମିକା ଏବଂ ଦାୟିତ୍ୱ

### ଡିଏମଏଫ ସଦସ୍ୟମାନଙ୍କର ଦାୟିତ୍ୱ

- ବାର୍ଷିକ ଆୟବ୍ୟୟ ଉପରେ ଭୋଟିଂ ଏବଂ ବାର୍ଷିକ ଯୋଜନା ଅନୁମୋଦନ
- ସାଧାରଣ ପରିଷଦକୁ ଗୋଷ୍ଠୀ ପ୍ରତିନିଧିଙ୍କୁ ମନୋନୀତ କରିବାର କ୍ଷମତା।
- ଭୋଟ ମାଧ୍ୟମରେ ସାଧାରଣ ପରିଷଦର ସମସ୍ତ ସଦସ୍ୟମାନଙ୍କୁ (ଅଧ୍ୟକ୍ଷଙ୍କ ବ୍ୟତୀତ) ବହିଷ୍କାର କରିବାର କ୍ଷମତା।
- ସିଇଓଙ୍କ ସମେତ ନିଯୁକ୍ତ ବ୍ୟକ୍ତିବିଶେଷଙ୍କ ଦରମା ଉପରେ ନିଷ୍ପତ୍ତି ନେବା।
- ଡିଏମଏଫ ଚାଲୁ ରଖିବା ପାଇଁ ଅଫିସର ଏବଂ ଅଡିଟରମାନଙ୍କ ନିଯୁକ୍ତିକୁ ଅନୁମୋଦନ କରିବା।

### ଡିଏମଏଫର ସାଧାରଣ ପରିଷଦର ଦାୟିତ୍ୱ

- ବାର୍ଷିକ ଯୋଜନା ପ୍ରସ୍ତୁତ କରିବା।
- ଜିଲ୍ଲାରେ ଖଣି ଖନନ ସମ୍ବନ୍ଧିୟ କାର୍ଯ୍ୟ ଦ୍ୱାରା ପ୍ରଭାବିତ ବ୍ୟକ୍ତି ଏବଂ ପରିବାରଗୁଡ଼ିକୁ ଆର୍ଥିକ ଲାଭ ବଣ୍ଟନ କରିବା।
- ଖଣି ଖନନ ସମ୍ବନ୍ଧିୟ କାର୍ଯ୍ୟ ଦ୍ୱାରା ପ୍ରଭାବିତ ଅଞ୍ଚଳରେ ସାମାଜିକ-ଆର୍ଥିକ ଉଦ୍ଦେଶ୍ୟ ପାଇଁ ସ୍ଥାନୀୟ ଭିତ୍ତିଭୂମିର ସୃଷ୍ଟି, ପରିଚାଳନା ଓ ରକ୍ଷଣାବେକ୍ଷଣ ସମେତ ଫାଉଣ୍ଡେସନର ଉଦ୍ଦେଶ୍ୟକୁ ଆଗକୁ ନେବା ପାଇଁ ସେଭଳି ଅନ୍ୟ କାର୍ଯ୍ୟକଳାପ ଗ୍ରହଣ କରିବା ।
- ଡିଏମଏଫ ଚଳାଇବା ପାଇଁ ଅଫିସର ଏବଂ ଅଡିଟରମାନଙ୍କୁ ନିଯୁକ୍ତି କରିବା, ଅବଶ୍ୟ ଏହି ନିଯୁକ୍ତି ଡିଏମଏଫର ସଦସ୍ୟମାନଙ୍କ ଅନୁମୋଦନ ଆବଶ୍ୟକ କରିବ।
- ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ଆୟୋଜନ କରିବା।
- ଏଜିଏମଙ୍କ ଦ୍ୱାରା ଅନୁମୋଦନ ପାଇଁ ଅଡିଟ୍ ରିପୋର୍ଟ ଉପସ୍ଥାପନ କରିବା।

**ଡିଏମଏଫ ଲୋକତାନ୍ତ୍ରିକ ଭାବେ ଜନ-କେନ୍ଦ୍ରିକ ସଂସ୍ଥା ଚଳାଇବ**

**ଡିଏମଏଫରେ ଉତ୍ତମ ଆର୍ଥିକ ଅଭ୍ୟାସ କରାଯିବା ଉଚିତ୍**

## (iv) ଡିଏମଏଫ୍‌ର ପ୍ରଭାବଶାଳୀତା, ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା

ଡିଏମଏଫ୍ ଏକ ସ୍ୱଚ୍ଛ ଏବଂ ଉତ୍ତରଦାୟୀ ସଂସ୍ଥା ଭାବେ ପ୍ରତିଷ୍ଠା କରାଯିବ। ଏହା ସରକାରୀ ତଥା ପବ୍ଲିକ୍ ଅଡିଟ୍ ପାଇଁ ମୁକ୍ତ ରହିବା ଉଚିତ୍। ଡିଏମଏଫ୍‌ର ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ପାଇଁ, ନିମ୍ନୋକ୍ତ ଆବଶ୍ୟକତାଗୁଡ଼ିକ କରାଯିବ :

- ଡିଏମଏଫ୍ ଏକ ରେଜିଷ୍ଟର୍ ପରିଚାଳନା କରିବ ଯେଉଁଥିରେ ନିମ୍ନୋକ୍ତ ବିବରଣୀ ରହିବ:
    - ଜିଲ୍ଲାରେ ଲିଜ୍‌ଧାରକଙ୍କ ତାଲିକା ଏବଂ ଡିଏମଏଫକୁ ସେମାନେ ଦେଉଥିବା ବାର୍ଷିକ ଦେୟ।
    - ପ୍ରଭାବିତ ବ୍ୟକ୍ତିଙ୍କୁ ଲାଭର ଆବଣ୍ଟନ କରିବା।
    - ଡିଏମଏଫର ବାର୍ଷିକ ଅଡିଟ୍ ହୋଇଥିବା ଏକାଉଣ୍ଟସ।
- ଡିଏମଏଫ ଉପଯୁକ୍ତ ଏକାଉଣ୍ଟ ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ରେକର୍ଡ ବଜାୟ ରଖିବ ଏବଂ ଏକାଉଣ୍ଟର ବାର୍ଷିକ ଷ୍ଟେଟମେଣ୍ଟ ପ୍ରସ୍ତୁତ କରିବ, ଯେଉଁଥିରେ ଲାଭ-କ୍ଷତି ହିସାବ ଏବଂ ଡିଏମଏଫରେ ଉପଲବ୍ଧ ପାଣ୍ଠିର ବାଲାନ୍ସ ଶିଟ୍ ରହିବ, ଭାରତର ମହାଲେଖାକାର (ସିଏଜି)ଙ୍କ ପରାମର୍ଶ ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା ଏଥିପାଇଁ ସୁପାରିସକୁ ଗ୍ରହଣ କରାଯାଇପାରେ।
- ଭାରତର ମହାଲେଖାକାର (ସିଏଜି)ଙ୍କ ପରାମର୍ଶ ଅନୁଯାୟୀ ରାଜ୍ୟ ସରକାରଙ୍କ ସୁପାରିସରେ ଡିଏମଏଫର ଏକାଉଣ୍ଟ ସମୟାନୁସାରେ ଅଡିଟ୍ କରାଯିବ।
- ଅଡିଟ୍ ରିପୋର୍ଟ ସହିତ ଡିଏମଏଫର ଏକାଉଣ୍ଟଗୁଡ଼ିକ ଏକାଠି ବାର୍ଷିକ ରୂପରେ ଡିଏମଏଫ ତରଫରୁ ରାଜ୍ୟ ସରକାରଙ୍କୁ ପଠାଯିବ। ରାଜ୍ୟ ସରକାର ଅଡିଟ୍ ରିପୋର୍ଟ ପାଇବା ପରେ ଏହାକୁ ରାଜ୍ୟ ବିଧାନସଭାର ଉଭୟ ସଦନରେ ଉପସ୍ଥାପନ କରିବେ, ଯଦି ରାଜ୍ୟ ବିଧାନସଭାର ଗୋଟିଏ ସଦନ ଥାଏ ତେବେ ସେଠାରେ ଉପସ୍ଥାପନ କରିବେ।
- ପ୍ରତି ବର୍ଷ ଶେଷରେ ଡିଏମଏଫ ଏହା ହାତକୁ ନେଇଥିବା କାର୍ଯ୍ୟକଳାପ ଉପରେ ମଧ୍ୟ ବାର୍ଷିକ ରିପୋର୍ଟ ପ୍ରସ୍ତୁତ କରିବ ଏବଂ ରାଜ୍ୟ ସରକାରଙ୍କୁ ଏହାକୁ ହସ୍ତାନ୍ତର କରିବ।
- ଏକାଉଣ୍ଟସ, ପାଣ୍ଠି ଆବଣ୍ଟନ ଏବଂ ଉପଯୋଗ, ଅଡିଟ୍ ରିପୋର୍ଟ ଏବଂ ବାର୍ଷିକ ରିପୋର୍ଟ ସମେତ ଡିଏମଏଫ ବିଷୟକ ସମସ୍ତ ସୂଚନା ପବ୍ଲିକ ଡୋମେନରେ ଉପଲବ୍ଧ ହେବା ଉଚିତ।
- ଡିଏମଏଫ ପାଣ୍ଠିର ଯେ କୌଣସି ସଦସ୍ୟ ଅର୍ଥ କିମ୍ବା ଅନ୍ୟାନ୍ୟ ସମ୍ପତ୍ତି ଚୋରି କିମ୍ବା ଆତ୍ମସାତ୍ କଲେ ଯଦ୍ୱାରା ଡିଏମଏଫର ପାଣ୍ଠି କ୍ଷତି ହେଲେ ସେଥିପାଇଁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ଏବଂ, ଯଦି ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ସଦସ୍ୟ ନୁହଁନ୍ତି, ଜଣେ (ସାଧାରଣ) ବ୍ୟକ୍ତି ଭଳି ସେ ଅପରାଧ ପାଇଁ ଦଣ୍ଡିତ ହେବେ।

## ଦୃଷ୍ଟାନ୍ତ

୧ ଖଣି ମନ୍ତ୍ରାଳୟ ୨୦୧୧, ଭାରତୀୟ ଖଣି ସେକ୍ଟର ପାଇଁ ଚିରସ୍ଥାୟୀ ବିକାଶ ଢାଞ୍ଚା, http://mines.nic.in/writereaddata/filelinks/2155afeb_FINAL%20REPORT%20SDF%2029Nov11.pdf, ୩୧ ମେ ୨୦୧୩ରେ ପ୍ରାପ୍ତ।

୨ ଇଣ୍ଡିଆନ୍ ବ୍ୟୁରୋ ଅଫ୍ ମାଇନ୍ସ(ଆଇବିଏମ୍) ଦ୍ୱାରା ୨୦୧୨-୧୩ ପାଇଁ (ଗୋଆ ପାଇଁ ୨୦୧୧-୧୨) ପ୍ରକାଶିତ ପ୍ରତି ରାଜ୍ୟର ଲୁହାପଥର ଉତ୍ପାଦନ ମୂଲ୍ୟ ଉପରେ ହିସାବ ଆଧାରିତ ଏବଂ ସଦ୍ୟତମ ଲାଭାଂଶ ସଂଶୋଧନ ହାର ଅନୁଯାୟୀ ଲୁହାପଥର ପାଇଁ ଖଣି ଇଣ୍ଡଷ୍ଟ୍ରି ଦ୍ୱାରା ପ୍ରଦାନ କରାଯାଇଥିବା ଲାଭାଂଶ ହେଉଛି ୧୫ ପ୍ରତିଶତ। ଏହି ହିସାବ ମୁତାବକ ଲାଭାଂଶର ଏକ-ତୃତୀୟାଂଶ ଡିଏମଏଫ୍‌କୁ ଯାଉଛି।

୩ ୨୦୧୨-୧୩ ପାଇଁ ଆଇବିଏମ ଦ୍ୱାରା ପ୍ରକାଶିତ ପ୍ରତି ଜିଲ୍ଲାରେ ଲୁହାପଥର ଉତ୍ପାଦନର ମୂଲ୍ୟ ଉପରେ ହିସାବ ଆଧାରିତ ।

୪ ୨୦୧୨-୧୩ ପାଇଁ ଆଇବିଏମ ଦ୍ୱାରା ପ୍ରକାଶିତ ପ୍ରତି ରାଜ୍ୟରେ କୋଇଲା ଉତ୍ପାଦନର ମୂଲ୍ୟ ଉପରେ ହିସାବ ଆଧାରିତ, ଏବଂ କୋଇଲା ପାଇଁ ଖଣି ଇଣ୍ଡଷ୍ଟ୍ରି ଦ୍ୱାରା ପ୍ରଦାନ କରାଯାଇଥିବା ଲାଭାଂଶ ହେଉଛି ୧୪ ପ୍ରତିଶତ। ଏହି ହିସାବ ମୁତାବକ ଲାଭାଂଶର ଏକ-ତୃତୀୟାଂଶ ଡିଏମଏଫ୍‌କୁ ଯାଉଛି।

ସେଣ୍ଟର ଫର ସାଇନ୍ସ ଏଣ୍ଡ ଏନ୍‌ଭିରନ୍‌ମେଣ୍ଟ
୪୧, ତୁଘଲକାବାଦ୍ ଇନ୍‌ଷ୍ଟିଚ୍ୟୁସନାଲ୍ ଏରିଆ, ନୂଆଦିଲ୍ଲୀ ୧୧୦ ୦୬୨, ଭାରତ, **ଫୋନ୍:** +୯୧-୧୧-୪୦୬୧୬୦୦୦ **ଫ୍ୟାକ୍ସ:** +୯୧-୧୧-୨୯୯୫୫୮୭୯
**ଇ-ମେଲ:** srestha@cseindia.org ୱେବ୍‌ସାଇଟ୍: www.cseindia.org

**ସେଣ୍ଟର ଫର ସାଇନ୍ସ ଏଣ୍ଡ୍ ଏନ୍‌ଭିରନ୍‌ମେଣ୍ଟ**
୪୧, ତୁଘଲକାବାଦ୍ ଇନ୍‌ଷ୍ଟିଚ୍ୟୁସନାଲ୍ ଏରିଆ, ନୂଆଦିଲ୍ଲୀ ୧୧୦ ୦୬୨, ଭାରତ,
**ଫୋନ୍:** +୯୧-୧୧-୪୦୬୧୬୦୦୦ **ଫ୍ୟାକ୍ସ:** +୯୧-୧୧-୨୯୯୫୫୮୭୯
**ଇ-ମେଲ:** cse@cseindia.org ୱେବ୍‌ସାଇଟ୍: www.cseindia.org